ଏମ୍.ସି. ମେହତା

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଅଗଷ୍ଟ 29, 2000

[ବି.ଏନ୍. କିରପାଲ୍ ଏବଂ ଶ୍ରୀମତୀ ରୁମା ପାଲ୍, ନ୍ୟାୟମୂର୍ତ୍ତି]

*ଶିଳ୍ପ ପ୍ରଦୂଷଣ—ଦିଲ୍ଲୀ—ଇଟା ଭାଟି—ବନ୍ଦ ଏବଂ ଦିଲ୍ଲୀ ବାହାରକୁ ସ୍ଥାନାନ୍ତର—ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ—କୌଣସି କ୍ଷତିପୂରଣ ନଦେଇ ଜମି ଆତ୍ମ ସମର୍ପଣ କରିବାକୁ ଇଟା ଭାଟି ମାଲିକମାନଙ୍କୁ ନିର୍ଦ୍ଦେଶ—ଆଦେଶର ସଂଶୋଧନ ପାଇଁ ଇଟା ଭାଟି ମାଲିକମାନଙ୍କ ଦ୍ୱାରା ଆବେଦନ—ଦର୍ଶାଯାଇଛି, ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି—ସଂଶୋଧିତ ଆଦେଶ ଯେ, ଇଟା ଭାଟିକୁ ବନ୍ଦ କରିବା କିମ୍ବା ଫ୍ଲାଇ-ଆସ ପ୍ରଯୁକ୍ତିବିଦ୍ୟାରେ ବ୍ୟବହାରକୁ ଆପଣେଇବା ସହିତ, ଯେଉଁ ଜମିରେ ସେମାନେ ଅବସ୍ଥିତ ଥିଲେ ସେହି ଜମିର ମାଲିକମାନେ କୌଣସି ଜମି ସମର୍ପଣ କରିବାକୁ ବାଧ ହେବେ ନାହିଁ—ତେବେ ଏହା ସେହି ଇଟା ଭାଟି ମାଲିକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ ଯେଉଁମାନେ ସ୍ଥାନାନ୍ତର ପ୍ରସଙ୍ଗରେ ଲାଭ ଉଠାଇଛନ୍ତି ।*

*ଏମ୍. ସି. ମେହତା ବନାମ ଭାରତ ସଂଘ* **[1996] 4 SCC 351** ଏବଂ *ଏମ୍.ସି. ମେହତା ବନାମ ଭାରତ ସଂଘ* **[1998] 9 SCC 149, ଉଲ୍ଲେଖ କରାଯାଇଛି ।**

ଦେୱାନୀ ମୂଳ କ୍ଷେତ୍ରାଧିକାର : ମଧ୍ୟବର୍ତ୍ତୀକାଳୀନ ଆବେଦନ ସଂଖ୍ୟା 1243,1246,1247,1248 ଏବଂ 1259 ।

ରେ

ଆଇ.ଏ. ସଂଖ୍ୟା 22ରେ ଆଇ.ଏ. ସଂଖ୍ୟା 129

ରେ

ରିଟ୍ ଆବେଦନ (ସି) ସଂଖ୍ୟା 4677/1985 ।

(ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।)

(ସି.ପି.ସି.ବି) ପାଇଁ କେ.ଏନ୍. ରାୱଲ ଏବଂ ମୁକୁଲ୍ ରୋହତଗୀ ଅତିରିକ୍ତ ମହା ନ୍ୟାୟାଭିକର୍ତ୍ତାଦ୍ୱୟ, ରଞ୍ଜିତ କୁମାର (ଏ.ସି.), ଏମ୍.ସି. ମେହତା, ବିଜୟ ପଞ୍ଜୱାନୀ, ଭାରତ ସଂଘ ପାଇଁ ସି.ଭି. ସୁବ୍ବା ରାଓ, ଆର୍.ଏନ୍. ବର୍ମା, ଏସ୍.କେ. ଦ୍ୱିବେଦୀ, (ୟୁ.ଡି. ମନ୍ତ୍ରଣାଳୟ ପାଇଁ) କେ.ସି. କୌଶିକ, ଏସ୍.ଏନ୍. ଟର୍ଡ଼େଲ୍, (ଡି.ଡି.ଏ.) ପାଇଁ ଭି.ବି. ସାହାର୍ୟା, ଏନ୍.ସି.ଟି. ଦିଲ୍ଲୀ ପାଇଁ ଡି.ଏନ୍. ଗୋବର୍ଦ୍ଧନ, ସୁଶ୍ରୀ ଗୀତା ଲୁଥ୍ରା, ସୁଶ୍ରୀ ପିଙ୍କି ଆନନ୍ଦ, ଏନ୍.ସି.ଆର୍.ପି.ବି ପାଇଁ ସୁଶ୍ରୀ ଶିଲ୍ ସେଠୀ, (ଡିପିସିସି) ପାଇଁ ଆର୍.ସି. ବର୍ମା, ସି. ସିଦ୍ଧାର୍ଥ, ଉପସ୍ଥିତ ପକ୍ଷମାନଙ୍କ ପାଇଁ ଇ.ସି. ଅଗ୍ରୱାଲା, ଋଷି ଅଗ୍ରୱାଲ, ଅଶ୍ୱିନୀ କୁମାର, ଧ୍ରୁବ ମେହତା, ଏସ୍.କେ. ମେହତା, ସୁଶ୍ରୀ ଶୋଭା, ସୂର୍ଯ୍ୟକାନ୍ତ ଏବଂ ଆର୍.ଏସ୍. ସୁରୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଆବେଦନଗୁଡ଼ିକ ପୂର୍ବତନ ଇଟା ଭାଟି ମାଲିକମାନଙ୍କ ଦ୍ୱାରା ଦାଖଲ କରାଯାଇଛି, ଯେଉଁମାନଙ୍କର ଇଟା ଭାଟି ଦିଲ୍ଲୀ ଏନ୍ ସି ଟିରେ ଥିଲା । କୌଣସି କ୍ଷତିପୂରଣ ନଦେଇ ଜମି ସମର୍ପଣ କରିବା ପାଇଁ ଆବେଦନକାରୀମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶକୁ ହଟାଇବା ପାଇଁ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 4677/85ରେ ଆଇ.ଏ. 22ରେ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ତା10.5.96 ଏବଂ 26.11.96ରିଖରେ ପାରିତ ଆଦେଶର ସଂଶୋଧନ ପାଇଁ ଏହି ଆବେଦନରେ ନିବେଦନ କରାଯାଇଛି ।

ଏହି ନ୍ୟାୟାଳୟ ଦିଲ୍ଲୀର ଶିଳ୍ପ ପ୍ରଦୂଷଣ ଉପରେ ବିଚାର କରୁଥିଲେ । ଭବିଷ୍ୟତ ଯୋଜନାର ରେଖାଚିତ୍ର 1990 ଅନୁଯାୟୀ, ଶିଳ୍ପଗୁଡ଼ିକୁ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇଥିଲା । ଯେଉଁ ଶିଳ୍ପଗୁଡ଼ିକୁ ବର୍ଗ-Hରେ ରଖାଯାଇଥିଲା, ସେଗୁଡ଼ିକୁ ଭବିଷ୍ୟତ ଯୋଜନାର ରେଖାଚିତ୍ର କାର୍ଯ୍ୟକାରୀ ହେବାର ତିନି ବର୍ଷ ମଧ୍ୟରେ ବନ୍ଦ କରିଦେବା ଏବଂ/କିମ୍ବା ଦିଲ୍ଲୀ ବାହାରକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ରହିଥିଲା । ଯେତେବେଳେ ଉକ୍ତ ଶିଳ୍ପଗୁଡ଼ିକ ସ୍ଥାନାନ୍ତର କିମ୍ବା ବନ୍ଦ ହୋଇନଥିଲା, ରିଟ୍ ଆବେଦନ ଦାଖଲ କରାଯାଇଥିଲା ଯାହା [1996] 4 SCC 351 ଭାବରେ ବିବୃତ ତା10 ମେ, 1996ରିଖର ଆଦେଶ ପାରିତରେ ପରିଣତ ହୋଇଥିଲା । ଏହି ଆଦେଶ ବିଶେଷ ଭାବରେ ବିପଜ୍ଜନକ, କ୍ଷତିକାରକ ଶିଳ୍ପ ମାମଲା ଏବଂ ଅନ୍ୟାନ୍ୟ ବିଷୟ ମଧ୍ୟରେ ଜଡ଼ିତ ଏଥିରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ମଧ୍ୟରେ ସେହି ଶିଳ୍ପଗୁଡ଼ିକ ଦ୍ୱାରା ବ୍ୟବହୃତ ହେଉଥିବା ଜମିର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଆତ୍ମସମର୍ପଣ କରିବାକୁ ଆବଶ୍ୟକ ଥିଲା ଏବଂ ସେହି ସମୟରେ

ନ୍ୟାୟାଳୟ ଅବଶିଷ୍ଟ ଜମି ଉପରେ ପଚାଶ ପ୍ରତିଶତ ଅତିରିକ୍ତ ଏଫ୍.ଏ.ଆର୍. ଅନୁମତି ଦେଇଥିଲେ । ଏହି ଜମିକୁ ଭବିଷ୍ୟତ ଯୋଜନାର ରେଖାଚିତ୍ରରେ ଦର୍ଶାଯାଇଥିବା ଢଙ୍ଗରେ ଉପଯୋଗ କରିବାର ଆବଶ୍ୟକତା ଥିଲା ।

1990ର ଭବିଷ୍ୟତ ଯୋଜନାର ରେଖାଚିତ୍ରରେ ଇଟା ଭାଟିକୁ ବର୍ଗ-Hର ଶିଳ୍ପ ଭାବେ ଦର୍ଶାଯାଇ ନଥିଲା । ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ ସମିତି ଦ୍ୱାରା ବିବୃତି ଦାଖଲ କରାଯିବା ପରେ ହିଁ ତା26.11.96ରିଖର [1998] 9 SCC 149 ଆଦେଶ ଦ୍ୱାରା ଏହି ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ, ଦିଲ୍ଲୀର ଏନ୍.ସି. ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଚାଲୁଥିବା 246ଟି ଇଟା ଭାଟି ବର୍ଗ-Hର ଶିଳ୍ପ ଥିଲା ଏବଂ ସେଥିପାଇଁ ଉକ୍ତ ଶିଳ୍ପ ଭାବରେ କାର୍ଯ୍ୟ କରିପାରିବ ନାହିଁ । ସେଗୁଡ଼ିକୁ ବନ୍ଦ କରିବା ଏବଂ ଦିଲ୍ଲୀରୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେବା ସମୟରେ, ଆଦେଶର ଅନୁଚ୍ଛେଦ 6ରେ ଦର୍ଶାଯାଇଥିଲା ଯେ, ଇଟା ଭାଟିଗୁଡ଼ିକର ସ୍ଥାନାନ୍ତର/ସ୍ଥାନ ପରିବର୍ତ୍ତନ କାରଣରୁ ଯେଉଁ ଜମି ଉପଲବ୍ଧ ହେବ, ତାହାର ବ୍ୟବହାରକୁ ତା10 ମେ 1996ରିଖରେ *ଏମ୍.ସି. ମେହତା ବନାମ ଭାରତ ସଂଘ* ମାମଲାରେ ଏହି ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଅନୁମତି ଦିଆଯିବ । ଏହା ମଧ୍ୟ କୁହାଯାଇଥିଲା ଯେ, ସ୍ଥାନାନ୍ତର ହେଉଥିବା ଇଟା ଭାଟିକୁ ପ୍ରୋତ୍ସାହନ ଦିଆଯିବ ଏବଂ ଇଟା ଭାଟି ଫ୍ଲାଇ ଆଶ୍ ପ୍ରଯୁକ୍ତିବିଦ୍ୟାକୁ ଆପଣେଇବା ଉଚିତ ।

ଏହା ବିବାଦରେ ନାହିଁ ଯେ, ଏହି ଇଟା ଭାଟି ମାଲିକମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ, ଜମି ଦଖଲ କରିଥିଲେ ଯାହା ସେମାନେ ଅନୁଜ୍ଞପ୍ତି/ପଟ୍ଟା ନେଇଥିଲେ । ଏହା ମଧ୍ୟ ବିବାଦରେ ନାହିଁ ଯେ, 26.11.96 ତାରିଖର ଉପରୋକ୍ତ ଆଦେଶ ପାରିତ ହେବା ପୂର୍ବରୁ ଜମିର ମାଲିକମାନଙ୍କୁ କୌଣସି ବିଜ୍ଞପ୍ତି ଜାରି କରାଯାଇ ନଥିଲା ଯେଉଁମାନେ ଇଟା ଭାଟି ମାଲିକଙ୍କ ଜମିଦାର ଥିଲେ । ସେମାନଙ୍କର ଅଧିକାର ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା ଏବଂ ପ୍ରାକୃତିକ ନ୍ୟାୟର ନୀତି ଅନୁସାରେ ସେମାନଙ୍କୁ ଶୁଣାଣିର ସୁଯୋଗ ଦେବା ଆବଶ୍ୟକ ଥିଲା । ଏହାକୁ ଅସ୍ୱୀକାର କରାଯାଇଥିଲା ।

ଆମେ ଏହା ମଧ୍ୟ ଦେଖୁଛୁ ଯେ, ଇଟା ଭାଟିଗୁଡ଼ିକ କୃଷି ଜମିରେ ଅବସ୍ଥିତ ଥିଲା, ଶିଳ୍ପ ପାଇଁ ଅନୁମତି ଦିଆଯାଇଥିବା ପ୍ରକାରର କୌଣସି ନିର୍ମାଣ ଉକ୍ତ ଜମିରେ କରାଯାଇପାରିବ ନାହିଁ । ଯେତେବେଳେ ଏହି ନ୍ୟାୟାଳୟ, ତା10.5.96ରିଖର ଆଦେଶରେ, ଜମିର ନିର୍ଦ୍ଦିଷ୍ଟ ପ୍ରତିଶତ ସମର୍ପଣ କରିବାକୁ ବାଧ କରିଥିଲେ, ସେହି ସମୟରେ ଏହା ଜମି ଉପରେ ନିର୍ମାଣ ପାଇଁ ଜମି ମାଲିକମାନଙ୍କୁ ଅତିରିକ୍ତ ଏଫ୍.ଏ.ଆର୍. ଅନୁମତି ଦେଇଥିଲା, ଯାହା କ୍ଷତିପୂରଣ ଭାବରେ ଥିଲା ।

କୃଷି ଜମି ଉପରେ ଇଟା ଭାଟିଗୁଡ଼ିକ ଅବସ୍ଥିତ ଥିବା କ୍ଷେତ୍ରରେ ଏହି ପରିସ୍ଥିତି ଲାଗୁ ହୋଇପାରିବ ନାହିଁ । ଏହା ସ୍ପଷ୍ଟ ଯେ, ଇଟା ଭାଟିଗୁଡ଼ିକର ସ୍ଥିତି ଅନ୍ୟ ବର୍ଗ-H ଶିଳ୍ପଗୁଡ଼ିକ ତୁଳନାରେ ସମାନ ନୁହେଁ । ଏହି ଦୁଇ ପ୍ରକାରର ଉଦ୍ୟୋଗକୁ ସମାନ ଭାବେ ବିଚାର କରାଯାଇପାରିଲା ନାହିଁ । ଯେଉଁଠିକି ଇଟା ଭାଟିଗୁଡ଼ିକ, ଯେପରି ଆମେ ପୂର୍ବରୁ ଲକ୍ଷ୍ୟ କରିଛୁ, ବର୍ଗ-Hର ଶିଳ୍ପ ନଥିଲା, ଅନ୍ୟ ଯେଉଁ ୟୁନିଟଗୁଡ଼ିକ ସମ୍ବନ୍ଧରେ ତା10 ମେ 1996ରିଖରେ ଆଦେଶ ପାରିତ ହୋଇଥିଲା, ସେଗୁଡ଼ିକ ସେହି ବର୍ଗରେ ଆସୁଥିଲା । ଯଦି କୃଷି ଜମି ଏକ ହେକ୍ଟରରୁ କମ ହୋଇଥାଏ, ତେବେ ସାଧାରଣତଃ କୌଣସି ନିର୍ମାଣର ଅନୁମତି ନାହିଁ ଏବଂ ଯଦି ଏହା ଏକ ହେକ୍ଟରରୁ ଅଧିକ ହୋଇଥାଏ, ତେବେ ଏହାର କେବଳ ଏକ ଅଂଶ ନିର୍ମାଣ ପାଇଁ ବ୍ୟବହାର କରାଯାଇପାରିବ । କୃଷି ଜମିର ସ୍ଥିତି, ଶିଳ୍ପ ଜମି କିମ୍ବା ଯେଉଁ ଜମିରେ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ତାହାଠାରୁ ବହୁତ ଭିନ୍ନ ଅଟେ । ତେଣୁ ଆବେଦନକାରୀଙ୍କ ଯୁକ୍ତିରେ ଯଥାର୍ଥତା ରହିଛି ଯେ, ସେମାନେ ଜମି ସମର୍ପଣ କରିବା ପାଇଁ ବାଧ ହେବା ଉଚିତ ନୁହେଁ । ତଥାପି, ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଗ୍ରହଣ କରାଯାଇଛି ଯେ, କୃଷି ଜମି କିମ୍ବା ଯେଉଁ ଜମିରେ ଇଟା ଭାଟି ଅବସ୍ଥିତ ଥିଲା ତାହା ଭବିଷ୍ୟତ ଯୋଜନାର ରେଖାଚିତ୍ରର ବ୍ୟବସ୍ଥା ଅନୁଯାୟୀ ବ୍ୟବହାର ଜାରି ରହିବ ଏବଂ ଆଜି ସୁଦ୍ଧା ସମସ୍ତ 246 ଇଟା ଭାଟି ବନ୍ଦ ହୋଇଯାଇଛି । ଆମକୁ ଅଧିବକ୍ତା ମଣ୍ଡଳୀରେ ସୂଚନା ଦିଆଯାଇଛି ଯେ, ଯଦିଓ ଦୁଇ ପୂର୍ବତନ ଇଟା ଭାଟି ମାଲିକଙ୍କ ମାମଲାରେ ଫ୍ଲାଇ ଆଶ୍ ପ୍ରଯୁକ୍ତିବିଦ୍ୟାକୁ ଇଟା ଉତ୍ପାଦନ କରିବା ପାଇଁ ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି, ଯାହା ପରିବେଶ ଅନୁକୂଳ ଅଟେ, ଆପତ୍ତି କରାଯାଇଥିବା ଜମି ଏବେ ମୁଖ୍ୟତଃ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି ।

ଉପରୋକ୍ତ କାରଣଗୁଡିକ ପାଇଁ, ଏହି ଆବେଦନଗୁଡ଼ିକୁ ଅନୁମତି ଦିଆଯାଇଛି ଏବଂ ଏହା ସ୍ପଷ୍ଟ କରାଯାଇଛି ଯେ, ଇଟା ଭାଟିକୁ ବନ୍ଦ କରିବା କିମ୍ବା ଫ୍ଲାଇ-ଆଶ୍ ପ୍ରଯୁକ୍ତିବିଦ୍ୟାରେ ବ୍ୟବହାରରେ ପରିବର୍ତ୍ତନ ସହିତ, ଯେଉଁ ଜମିର ମାଲିକମାନେ ଅବସ୍ଥିତ ଥିଲେ ସେମାନେ କୌଣସି ଜମି ଆତ୍ମ ସମର୍ପଣ କରିବାକୁ ବାଧ ହେବେ ନାହିଁ । ସେହି ସୀମା ପର୍ଯ୍ୟନ୍ତ ତା26.11.96ରିଖର ଆଦେଶ ପରିବର୍ତ୍ତିତ ହୋଇଛି । ଏହା ସ୍ପଷ୍ଟ କରାଯାଇଛି ଯେ, ଏହି ଆଦେଶ ସେହି ଇଟା ଭାଟି ମାଲିକମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ ଯେଉଁମାନେ ଏହି ନ୍ୟାୟାଳୟର ତା26.11.96ରିଖର ଆଦେଶର ଲାଭ ଉଠାଇଛନ୍ତି ଏବଂ ସ୍ଥାନାନ୍ତର ପ୍ରସଙ୍ଗରେ ଏହା ଅଧୀନରେ ଉପକୃତ ହୋଇଛନ୍ତି । ଏହି ନ୍ୟାୟାଳୟ ସମ୍ମୁଖରେ ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ, ସେମାନଙ୍କ ମଧ୍ୟରୁ କେହି ସ୍ଥାନାନ୍ତର ସମ୍ପର୍କରେ

କୌଣସି ସହାୟତା ପାଇ ନାହାଁନ୍ତି କିମ୍ବା ଏପରି କୌଣସି ସୁବିଧା ପାଇ ନାହାଁନ୍ତି । ଏହି ଆଦେଶର ଫଳସ୍ୱରୂପ, ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦିଆଯିବ ।

ଟି.ଏନ୍.ଏ. ଆଇ.ଏ.ଗୁଡ଼ିକୁ ଅନୁମତି ଦିଆଗଲା ।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଆଦିତ୍ୟ ପ୍ରସାଦ ମିଶ୍ର

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।